# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର

## କପା ଚାଷ ପାଇଁ XXV ( ଚବିଶ ତମ) ସାପ୍ତାହିକ ପରାମର୍ଶ (7th to 13th Nov, 2023)

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ନଭେମ୍ବର | | | | | ନଭେମ୍ବର | | | | |
| | | 03 | 04 | 05 | 06 | 07 | 09 | 10 | 11 | 12 | 13 |
|  | କୋରାପୁଟ | 0 | 0 | 0 | 0 | 0 | 0 | 1 | 9 | 15 | 7 |
| | କଳାହାଣ୍ଡି | 0 | 0 | 0 | 0 | 0 | 0 | 0 | 3 | 3 | 1 |
| | ବଲାଙ୍ଗିର | 0.8 | 7.6 | 0 | 0 | 0 | 0 | 0 | 0 | 0 | 2 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

କପା ଫସଲ ଅବସ୍ଥା:

ଓଡିଶାରେ କପା ଫସଲ 129 ରୁ 139 ଦିନ ବେଳରେ ବକରା ବଢିବା ଓ ଫୁଟିବା ଅବସ୍ଥାରେ ଅଛି। କପା ଫସଲ ଭଲ ଅବସ୍ଥାରେ ଅଛି । କପା ତୋଳିବା କମ ଚାଲିଛି। ଫସଲର ଅଭିବୃଦ୍ଧି ପାଇଁ ଖାଦ୍ୟସାର ଓ ରୋଗୋ ପୋକ ନିୟନ୍ତ୍ରଣ ପାଇଁ କୀଟନାଶକ ଓ ଫିମ୍ପିନାଶକ ଔଷଧ ସିଂଚନ କମ ଚାଲିଛି। କପାରେ ପତ୍ରଡିଆଁ ପୋକ ଅର୍ଥିକ ଡାହେଳି ସୀମା ଅତକ୍ରମ କରିଥିବା ବେଳେ , କାଣ୍ଡବିନ୍ଧା ପୋକ, ଲେଡ଼ା ପୋକ ଓ ଅଣବିଟି କପା ଫସଲରେ ଆମେରିକୀୟ ବକରାବିନ୍ଧା ପୋକ ଅର୍ଥିକ ଡାହେଳି ସୀମା ତଳେ ରହିଛି । ରାଜ୍ୟର ବହୁତ ସ୍ଥାନରୁ ପାଉଁସିଆ ପତ୍ର ଦାଗ, ଝଉଂଳା, ମୂଳ ଶଢା ଓ ବୀଜାଣୁ ଜନିତ ପତ୍ରଦାଗ ରୋଗର ସୂଚନା ମିଳିଛି।

**ପରାମର୍ଶ:**

କପା ଫୁଟିବା ଆରମ୍ଭ ହୋଇ ଥିବାରୁ ସମ୍ପୂର୍ଣ ଫୁଟିଥିବା ବକରାରୁ କପା ତୋଳନ୍ତୁ । ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ଵା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆଦ୍ରତା 8-10% ଭିତରେ ରହିବ। ପ୍ରଥମରେ ତୋଳା ହୋଇଥିବା କପାକୁ ଅଲଗା କରି ସାଇତି ରଖନ୍ତୁ ଯାହାକି ଭଲ ଦାମରେ ବିକ୍ରି ହେବ । ପ୍ରଥମ ଥର କପ ତୋଳିବା ପରେ 10 ଲିଟର ପାଣିରେ 100 ଗ୍ରାମ NPK 19:19:19: ସାରକୁ ମିଶାଇ ସିଂଚନ କରନ୍ତୁ ଯାହାଦ୍ୱାରା ବଳକା ବକରା ସବୁ ଭଲ ଭାବରେ ବଢି ପାରିବ । କପା ଫସଲରେ ଲାଗୁଥିବା ରୋଗୋ ଓ ପୋକର ସ୍ଥିତି ଜାଣିବା ପାଇଁ ନିୟମିତ ସର୍ବେକ୍ଷଣ କରନ୍ତୁ। ପତ୍ରଡିଆ ଓ ଜଉ ପୋକର ସଂଖ୍ୟା ଆର୍ଥିକ ଦାହେଳି ସୀମା ଅତିକ୍ରମ କଲେ ୧୦ ଲିଟର ପାଣିରେ ୪ ଗ୍ରାମ ଫ୍ଲୋନିକାମିଡ ୫୦ WG କିମ୍ଵା ୩ ଗ୍ରାମ ଡାଇନେଟୋଫୁରଣ 20 SG କିମ୍ଵା ୨ ଗ୍ରାମ ଥାଇୟମେଥୋକ୍ସାମ 25 WG ଅଉଷଧକୁ ସିଞ୍ଚନ କରନ୍ତୁ। ପାଟଳ ବକରା ବିନ୍ଧା ପୋକ ଆର୍ଥିକ ଦାହେଳି ସୀମା ଅତିକ୍ରମ କଲେ ଏକର ପ୍ରତି 300 ମି ଲି ସଇପାରମେଥରିନ 10% EC କିମ୍ଵା 200 ମି ଲି ସଇପାରମେଥରିନ 25% EC କିମ୍ଵା 200 ମି ଲି ଲମ୍ବଡା ସାଇହଲୋଥ୍ରିଂ 5% EC କିମ୍ଵା 200 ମି ଲି ଦେଲ୍ଟମେଥ୍ରିନ 2.8 EC କିମ୍ଵା 300-400 ମି ଲି ଫେନପ୍ରୋପଥରିନ 10% EC କିମ୍ଵା 200 ମି ଲି ଫେନ୍ଭଲେରେଟ 20% EC କିମ୍ଵା 120 ମି ଲି ଆଲଫା ସାଇପାରମେଥରିନ 10 EC ଔଷଧ ସିଞ୍ଚନ କରନ୍ତୁ । ଅଣ ବିଟି କପା କିମ୍ଵା ଦେଶୀ (ଅର୍ବୋରୀଅମ ) ଚାଷ ହେଇଥିବା ଅଞ୍ଚଳରେ ଆମେରିକୀୟ ବକରା ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ 10 ଲିଟର ପାଣିରେ 3 ମି ଲି ଫ୍ଲୁବେଣ୍ଡିଆମଇଡ 39.35 SC କିମ୍ଵା 10 ଲିଟର ପାଣିରେ 10 ଗ୍ରାମ ଇଣ୍ଡୋକ୍ସାକାର୍ବ 14.5 SC କିମ୍ଵା 10 ଲିଟର ପାଣିରେ4 ମି ଲି ସ୍ପିନୋସାଡ 45 SC ଔଷଧ ସିଞ୍ଚନ କରନ୍ତୁ । ମୂଳ ଶଢା ଓ ଝଉଂଳା ରୋଗ ଲାଗିଲେ 10 ଲିଟର ପାଣିରେ 12 ଗ୍ରାମ କର୍ବେନ୍ଦାଜିମ 50 WP କିମ୍ଵା 50 ଗ୍ରାମ ଟ୍ରାଇକୋଡର୍ମା ଭିରିଦେ କିମ୍ଵା 50 ଗ୍ରାମ ଟ୍ରାଇକୋଡର୍ମା ହେର୍ଜିଅନୁମ ଗୁଣ୍ଡ ଔଷଧ ମିଶାଇ ଗଛ ମୂଳରେ ପ୍ରୟୋଗ କରନ୍ତୁ । ପାଉଁସିଆ ପତ୍ର ଦାଗ (ଗ୍ରେ ମିଲ୍ଡ୍ୟୁ) ରୋଗର ନିୟନ୍ତ୍ରଣ ପାଇଁ 10 ଲିଟର ପାଣିରେ 30 ଗ୍ରାମ କାର୍ବେନ୍ଦାଜିମ 12% + ମଙ୍କୋଜେବ 63% WP କିମ୍ଵା 10 ମିଲି ଆଯୋକ୍ସିସ୍ତ୍ରୋବିନ 18.2% + ଡିଫେନୋକୋନାଜୋଲ 11.4%SC କିମ୍ଵା 10 ମିଲି କ୍ରେସୋକ୍ସିମ-ମିଥଇଲ 44.3 %SC ସିଂଚନ କରନ୍ତୁ । ଜୀବାଣୁ ଜନିତ ପତ୍ରପୋଡା ରୋଗର ନିୟନ୍ତ୍ରଣ ପାଇଁ 10 ଲିଟର ପାଣିରେ 25-30 ଗ୍ରାମ କପର ଅକ୍ସି କ୍ଲୋରଇଡ 50 WP ଔଷଧ ସିଂଚନ କରନ୍ତୁ। ଗଛ ପ୍ରତି 7-8 ଟି ଫଳ ଥିଲେ ଔଷଧ ସିଂଚନ କରିବା ପାଇଁ ନିଷ୍ପତ୍ତି ନିଅନ୍ତୁ । ଫସଲକୁ ଅନୁମୋଦିତ ଅବଧି ଠାରୁ ଅଧିକ ଦିନ ପର୍ଜନ୍ତ ଜମିରେ ରଖନ୍ତୁ ନାହିଂ । ଅମଳ ସମାପ୍ତ ହେବ ପରେ ପୋକ ଏବଂ ରୋଗ ଦ୍ଵାରା ଆକ୍ରାନ୍ତ ହୋଇଥିବା ଫଳ ଓ ଗଛକୁ ଜମିରୁ ବାହାର କରି ନଷ୍ଟ କରି ଦିଅନ୍ତୁ ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ ସିଆଇସିଆର କଟନ ଆପ )CICR Cotton App) ଯାହାକି

ଆଇସିଏଆରସିଆଇସିଆର-, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ  ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।